# NATIONAL NEWS BULLETIN (ODIA)

**9 May - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ପ୍ରଦାନ କରିବେ ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ।

- ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଆଜି ହେଉଛି ଶେଷ ଦିବସ ।

- ନକଲି ସାର୍ଟିଫିକେଟ୍ ପ୍ରସ୍ତୁତିରେ ଜଡ଼ିତ ଅଭିଯୋଗରେ ନୂଆଦିଲ୍ଲୀରେ ୧୧ ଜଣଙ୍କୁ ଗିରଫ କଲା ସିବିଆଇ ।

- ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହ୍ୱାନଙ୍କ ଅଧ୍ୟକ୍ଷତାରେ ଆଜିଠାରୁ ଆରମ୍ଭ ହେଉଛି ଦୁଇଦିନିଆ 'ପରିବର୍ତ୍ତନ ଚିନ୍ତନ' କାର୍ଯ୍ୟକ୍ରମ ।

ଏବଂ

- ଚଳିତ ଟି-୨୦ ମହିଳା କ୍ରିକେଟ୍ ସିରିଜ୍‌ର ପଞ୍ଚମ ମ୍ୟାଚ୍‌ରେ ଆଜି ସିଲହଟ୍ ଠାରେ ଭାରତ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ।

## ପ୍ରେଜ୍‌-ପଦ୍ମଆୱାର୍ଡ୍‌

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ କରିବେ।

ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ପୁରସ୍କାର ପଦ୍ମ ବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ଭଳି ତିନୋଟି ବର୍ଗରେ ପ୍ରଦାନ କରାଯାଏ । କଳା, ସାମାଜିକ କାର୍ଯ୍ୟ, ବିଜ୍ଞାନ ଓ ଇଞ୍ଜିନିୟରିଂ, ବାଣିଜ୍ୟ ଓ ଉଦ୍ୟୋଗ, ଔଷଧ, ସାହିତ୍ୟ ଓ ଶିକ୍ଷା, କ୍ରୀଡ଼ା ଓ ପ୍ରଶାସନିକ ସେବା ସମେତ ବିଭିନ୍ନ ବିଭାଗ ଓ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଏ । ରାଷ୍ଟ୍ରପତି ଗତ ମାସ ୨୨ ତାରିଖରେ ୩ଟି ପଦ୍ମବିଭୂଷଣ, ୮ଟି ପଦ୍ମଭୂଷଣ ଏବଂ ୫୫ଟି ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ ।

## ଏଲଏସ୍‌ ପୋଲ୍‌- ୬ ଫେଜ୍‌

ଦେଶର ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ। ଆସନ୍ତା ୨୫ ତାରିଖରେ ଏହି ପର୍ଯ୍ୟାୟରେ ୬ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ସଂସଦୀୟ ଆସନ ପାଇଁ ମତଦାନ ହେବ। ଦିଲ୍ଲୀର ସମସ୍ତ ୭ଟି ଆସନ, ହରିୟାଣାର ସମସ୍ତ ୧୦ଟି ଆସନ, ଉତ୍ତରପ୍ରଦେଶର ୧୪ଟି, ବିହାର ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ, ଓଡ଼ିଶାର ୬ଟି ଏବଂ ଝାଡ଼ଖଣ୍ଡର ୪ଟି ଆସନରେ ମତଦାନ

ହେବ। ଆସନ୍ତା ମାସ ୪ ତାରିଖରେ ସମସ୍ତ ପର୍ଯ୍ୟାୟର ଭୋଟ ଗଣତି ହେବ।

## ଭିପି-ଅଯୋଧ୍ୟା

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତାକାଲି ଅଯୋଧ୍ୟା ଗସ୍ତରେ ଯିବେ । ଏହି ଦିନିକିଆ ଗସ୍ତ ଅବସରରେ ଉପରାଷ୍ଟ୍ରପତି ଶ୍ରୀରାମ ଲାଲା ମନ୍ଦିର, ହନୁମାନଗଡ଼ୀ ମନ୍ଦିର, ଅଯୋଧ୍ୟାର କୁବେର ଟିଲା ପରିଦର୍ଶନ କରିବା ସହ ସରଜୁ ଘାଟରେ ଆରତୀ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## ପିଏମ୍- ମହାରଣା ପ୍ରତାପ

ମହାରାଣା ପ୍ରତାପଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସୋସିଆଲ ମିଡିଆ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ମହାରାଣା ପ୍ରତାପଙ୍କ ଜୀବନ ସାହସ, ସ୍ୱାଭିମାନ ଏବଂ ବୀରତ୍ୱର ପ୍ରତୀକ ଏବଂ ଏହା ଏବେ ମଧ୍ୟ ଦେଶବାସୀଙ୍କୁ ପ୍ରେରଣା ଦେଉଛି ।

## ତେଲଙ୍ଗାନା-ଅମିତ ଶାହା

ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଚଳିତ ନିର୍ବାଚନ ମୋଦିଙ୍କ ବିକାଶ ଗ୍ୟାରେଣ୍ଟିର ପ୍ରତିଫଳନ ହେବ। ତେଲଙ୍ଗାନାର ଭୋଙ୍ଗିର ଲୋକସଭା ନିର୍ବାଚନ ମଣ୍ଡଳୀରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରି ଏକ ଦଶନ୍ଧି ଧରି ରାଜ୍ୟରେ ଶାସନ

କରୁଥିବା ବି.ଆର୍.ଏସ୍ ବ୍ୟକ୍ତିଗତ ସ୍ୱାର୍ଥର ଯତ୍ନ ନେଉଛି ବୋଲି ଅଭିଯୋଗ କରିଛନ୍ତି। ଗତ ୫ ବର୍ଷ ଧରି ଜନମତ ପାଇଥିବା କଂଗ୍ରେସ ସରକାର ରାଜ୍ୟକୁ ଏକ ଏଟିଏମ୍‌ରେ ପରିଣତ କରିଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ତୁଷ୍ଟୀକରଣ ରାଜନୀତି ପାଇଁ ଏମ୍.ଆଇ.ଏମ୍, ବି.ଆର.ଏସ୍ ଓ କଂଗ୍ରେସ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଆଜି ସନ୍ଧ୍ୟାରେ ନରସାପୁର ଓ ସରୁର ନଗରରେ ନିର୍ବାଚନୀ ସଭାକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି। ବି.ଆର.ଏସ ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ କରିମନଗରରେ ଏକ ରୋଡ୍ ସୋ'ରେ ଅଂଶଗ୍ରହଣ କରିବେ।

## ପିଓକେ-ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଭାରତର ଏକ ଅଂଶ ଏବଂ ଏହାକୁ ଫେରାଇ ଆଣିବା ପାଇଁ ସବୁ ରାଜନୈତିକ ଦଳ ପ୍ରତିଶ୍ରୁତିବଦ୍ଧ। ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଜୟଶଙ୍କର କହିଛନ୍ତି, ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପରେ ପିଓକେ ପ୍ରସଙ୍ଗ ଲୋକଙ୍କ ମନକୁ ଆସିଛି। ସେ କହିଥିଲେ, ପାକିସ୍ତାନର ଦୁର୍ବଳ ଅର୍ଥନୈତିକ ସ୍ଥିତି ଯୋଗୁଁ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଉତ୍ତେଜନା ବୃଦ୍ଧି ପାଉଛି। ଆଗାମୀ ଦିନରେ ସେହି ଅଞ୍ଚଳରେ ହେବାକୁ ପ୍ରତିବାଦକୁ ଦମନ କରିବା ପାଇଁ ପାକିସ୍ତାନ ପ୍ରଶାସନ ପଞ୍ଜାବ ପ୍ରଦେଶରୁ ସୈନ୍ୟ ମୁତୟନ କରୁଛି ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି।

ପିଓକେ ଏବଂ ପାକିସ୍ତାନ ଅଧିକୃତ ଗିଲଗିଟ୍ ବାଲ୍ଟିସ୍ତାନରେ ଥିବା ଡ୍ୟାମରେ ଉତ୍ପାଦିତ ଜଳବିଦ୍ୟୁତ୍ ବଣ୍ଟନ ଏବଂ ସ୍ଥାନୀୟ ଜମି ଓ ଜଳସମ୍ପଦର ମାଲିକାନା ତଥା ରୟାଲ୍ଟି ଦାବି କରି ସ୍ଥାନୀୟ ଲୋକ ଆନ୍ଦୋଳନ କରୁଥିବା ଜଣାପଡ଼ିଛି।

# ସିବିଆଇ- ନେକ୍ସସ୍ ବୁସଟେଡ୍

ଡାକ୍ତରଙ୍କ ସହ ନିଯୁକ୍ତି ଓ ନକଲି ମେଡିକାଲ ସାର୍ଟିଫିକେଟ୍ ପ୍ରସ୍ତୁତ କରିବା ସଂକ୍ରାନ୍ତ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୧୧ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ନୂଆଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଦୁଇ ଜଣ ହୃଦ୍‌ରୋଗ ବିଶେଷଜ୍ଞ ଅନ୍ତର୍ଭୁକ୍ତ। ମେଡିକାଲ ଉପକରଣ ଯୋଗାଣକାରୀଙ୍କଠାରୁ ଟଙ୍କା ଆଦାୟ କରିବା ଏବଂ ରୋଗୀଙ୍କଠାରୁ ଲାଞ୍ଚ ନେଉଥିବା ନେଇ ସେମାନଙ୍କ ବିରୋଧରେ ଅଭିଯୋଗ ରହିଛି। ଏହି ଘଟଣାରେ ଡାକ୍ତର ଓ ଡିଲରଙ୍କ ୧୫ଟି ସ୍ଥାନରେ ଚଢ଼ାଉ କରିବା ସହ ୧୫ ଜଣଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ କରିଛି। ଡାକ୍ତର ଓ ମେଡିକାଲ ଉପକରଣ ଯୋଗାଣକାରୀଙ୍କ ବିରୋଧରେ ଏହା ହେଉଛି ଦ୍ୱିତୀୟ ବଡ଼ ଅପରେସନ୍ ବୋଲି ଆମ ପ୍ରତିନିଧି ସୂଚନା ଦେଇଛନ୍ତି। ଗତବର୍ଷ ମଧ୍ୟ ସିବିଆଇ ଏଭଳି ଏକ ମାମଲାରେ ସଫଦରଜଙ୍ଗ ହସ୍ପିଟାଲର ଜଣେ ଡାକ୍ତରଙ୍କୁ ଗିରଫ କରିଥିଲା।

# ବାଂଲାଦେଶ- ଫରେନ୍ ସେକେଟ୍ରାରୀ ଭିଜିଟ୍

ଭାରତର ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରା ଆଜି ସକାଳେ ଢାକାଠାରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଶ୍ରୀ କ୍ୱାତ୍ରା ବାଂଲାଦେଶର ବୈଦେଶିକ ମନ୍ତ୍ରୀ ହାସନ ମହମୁଦଙ୍କୁ ମଧ୍ୟ ସେ ସାକ୍ଷାତ କରିଥିଲେ ।

ଦୁଇ ଦିନିଆ ବାଂଲାଦେଶ ଗସ୍ତରେ ଯାଇ ଶ୍ରୀ କ୍ୱାତ୍ରା ଗତକାଲି ଢାକାରେ ପହଞ୍ଚିଥିଲେ । ଶ୍ରୀ କ୍ୱାତ୍ରା ବାଂଲାଦେଶ ପ୍ରତିପକ୍ଷ ମସୁଦ-ବିନ୍-ମୋମେନଙ୍କୁ ମଧ୍ୟ ଆଜି ଭେଟିବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକରେ ଉଭୟ ପକ୍ଷ ରାଜନୈତିକ, ନିରାପତ୍ତା, ଜଳ, ବାଣିଜ୍ୟ ଓ ପୁଞ୍ଜିନିବେଶ, ଶକ୍ତି, ପ୍ରତିରକ୍ଷା, ଯୋଗାଯୋଗ ଏବଂ ଉପ-ଆଞ୍ଚଳିକ ସହଯୋଗ ସମେତ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବେ ।

# ଡିଆରଡିଓ-ସିମ୍ପୋଜିଅମ୍

ପ୍ରତିରକ୍ଷା ସଚିବ ଗିରିଧର ଅରମାନେ କହିଛନ୍ତି, ପ୍ରତିରକ୍ଷା କ୍ଷେତ୍ରରେ ଭିତ୍ତିଭୂମି ବିକାଶ ପାଇଁ ଆତ୍ମନିର୍ଭରଶୀଳତା ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ଦେଶ ଅନ୍ୟ କାହା ଉପରେ ନିର୍ଭର କରିବାର ଆବଶ୍ୟକତା ପଡ଼ିବ ନାହିଁ । ନୂଆଦିଲ୍ଲୀଠାରେ ଆଜି ଡିଆରଡିଓର ଜାତୀୟ ଆଲୋଚନାଚକ୍ର ଓ ପ୍ରଦର୍ଶନୀର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧନ କରି ଶ୍ରୀ ଅରମାନେ କହିଛନ୍ତି, ଆତ୍ମନିର୍ଭରତା କେବଳ ଏକ ସ୍ଲୋଗାନ ନୁହେଁ, ଏହା ଦେଶର ଅର୍ଥନୈତିକ ବିକାଶ ପାଇଁ ଏକ ଆହ୍ୱାନ । ସେ କହିଥିଲେ, ଆତ୍ମବିଶ୍ୱସନୀୟତା ଭିତ୍ତିଭୂମିର ପୁଞ୍ଜି ଖର୍ଚ୍ଚ ହ୍ରାସ କରିବାରେ

ସହାୟକ ହୋଇଥାଏ। ପ୍ରତିରକ୍ଷା କ୍ଷେତ୍ର ପାଇଁ ଅଭିନବ ଏବଂ ପ୍ରଯୁକ୍ତି ଭିତ୍ତିକ ଉପକରଣର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ସେ କହିଛନ୍ତି, ଏହି ଆଲୋଚନାଚକ୍ର ହେଉଛି, ଭିତ୍ତିଭୂମି ବିକାଶ ପାଇଁ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ସମାଧାନ ବିଷୟରେ ଆଲୋଚନା କରିବାର ଏକ ପ୍ରାଥମିକ ପ୍ରୟାସ। ଏଥିରେ ସମସ୍ତ ଅଂଶୀଦାର ଅଂଶଗ୍ରହଣ କରି ନିଜ ନିଜର ମତ ଉପସ୍ଥାପନ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଅନ୍ୟପକ୍ଷରେ ଡିଆରଡିଓ ଅଧ୍ୟକ୍ଷ ଡକ୍ଟର ସମୀର ଭି କାମତ ଅସ୍ତ୍ରଶସ୍ତ୍ର ନିର୍ମାଣ କ୍ଷେତ୍ରରେ ବ୍ୟବହୃତ ହେଉଥିବା ବିସ୍ଫୋରକ ସାମଗ୍ରୀ ରଖିବା ପାଇଁ ବୈଷୟିକ ଭିତ୍ତିଭୂମିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ପରିବର୍ତ୍ତନ ଚିନ୍ତନ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ ଠାରେ ଆଜିଠାରୁ ଆରମ୍ଭ ହେବାକୁ ଥିବା ଦୁଇଦିନିଆ 'ପରିବର୍ତ୍ତନ ଚିନ୍ତନ-୨' କାର୍ଯ୍ୟକ୍ରମରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ ଅଧ୍ୟକ୍ଷତା କରିବେ। ତିନିବାହିନୀର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ହେଉଛି ସ୍ଥଳ, ବାୟୁ ଏବଂ ନୌସେନାର ମୁଖ୍ୟଙ୍କ ପାଇଁ ଏକ ଅଗ୍ରଣୀ ସମ୍ମିଳନୀ। ଅଭିନବ ସଂସ୍କାରମୂଳକ ଚିନ୍ତାଧାରା ଏବଂ ପଦକ୍ଷେପ ନେଇ ବିଚାର କରିବା ଏହାର ଉଦ୍ଦେଶ୍ୟ।

# ପିଏମ୍-ୟୋହନ

ମେଟ୍ରୋପଲିଟାନ୍ ଅଫ୍ ବିଲିଭର୍ସ ଇଷ୍ଟର୍ଣ୍ଣ ଚର୍ଚ୍ଚର ମୋରାନ ମୋର ଆଥାନାସିୟସ୍ ୟୋହାନଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ସମାଜ ପ୍ରତି ତାଙ୍କର ସେବା ଏବଂ ଗରିବ ଲୋକଙ୍କ ଜୀବନଧାରଣମାନରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦେବା ପାଇଁ ସେ ସ୍ମରଣୀୟ ହୋଇ ରହିବେ। ମେଟ୍ରୋପଲିଟାନ ୟୋହାନଙ୍କ ପରିବାର ଏବଂ ବିଲିଭର୍ସ ଚର୍ଚ୍ଚର ସମସ୍ତ ଶ୍ରଦ୍ଧାଳୁଙ୍କ ପ୍ରତି ପ୍ରଧାନମନ୍ତ୍ରୀ ସମବେଦନା ଜ୍ଞାପନ କରିଛନ୍ତି।

# କେରଳ- ଏୟାର ଇଣ୍ଡିଆ ଏକ୍ସପ୍ରେସ୍

କେରଳରୁ ଗଲ୍ଫ ଦେଶଗୁଡ଼ିକୁ ଯିବାକୁ ଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ଅନେକ ବିମାନ ଉଡ଼ାଣକୁ ଆଜି ମଧ୍ୟ ବାତିଲ କରାଯାଇଛି।

କୁଏତ୍, ରାସ୍ ଅଲ୍ ଖଇମା, ଦୋହା, ମସ୍କଟ୍ ଏବଂ ଶାରଜାରୁ କନ୍ନୁର ଅନ୍ତର୍ଜାତୀୟ ବିମାନବନ୍ଦରକୁ ଉଡ଼ାଣ ମଧ୍ୟ ବାତିଲ ହୋଇଛି। ସେହିଭଳି ସେଠାରୁ ଶାରଜା, ମସ୍କଟ, ଦମ୍ମାମ ଏବଂ ଆବୁଧାବିକୁ ବିମାନ ଚଳାଚଳ ବନ୍ଦ ରହିଛି। ବିମାନ ବନ୍ଦର କର୍ତ୍ତୃପକ୍ଷ ବିମାନ ଯାତ୍ରୀଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ପ୍ରଥମେ ବିମାନ ସ୍ଥିତି ନିଶ୍ଚିତ କରିବାକୁ କହିଛନ୍ତି।

ତିରୁବନନ୍ତପୁରମ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆବୁଧାବି ଯାଉଥିବା ବିମାନକୁ ମଧ୍ୟ ବାତିଲ କରାଯାଇଛି । ଆବୁଧାବି ଏବଂ ଦୋହାରୁ ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନ ଆଜି ସକାଳେ କୋଚିନ ଅନ୍ତର୍ଜାତୀୟ

ବିମାନବନ୍ଦରରେ ଅବତରଣ କରିଥିଲା । ଶାରଜା, ମସ୍କଟ, ବାହାରିନ୍ ଏବଂ ଦୁବାଇ ଅଭିମୁଖେ ବିମାନ ଚଳାଚଳ ଜାରି ରହିବ ବୋଲି ଜଣାପଡ଼ିଛି । ବିମାନବନ୍ଦରରୁ ହାଇଦ୍ରାବାଦ ଏବଂ କୋଲକାତା ଯାଉଥିବା ଘରୋଇ ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନ ଗୁଡ଼ିକ ମଧ୍ୟ ଆଜି ବାତିଲ ହୋଇଛି ।

## ଓ୍ୱିମେନ୍ସ କ୍ରିକେଟ ଇଣ୍ଡିଆ-ବାଂଲାଦେଶ

ଚଳିତ ଭାରତ-ବାଂଲାଦେଶ ମହିଳା ଟି-୨୦ କ୍ରିକେଟ ସିରିଜ୍‌ର ପଞ୍ଚମ ମ୍ୟାଚ୍ ଆଜି ସିଲ୍‌ହଟ୍ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବ । ପୂର୍ବରୁ ଖେଳାଯାଇଥିବା ଚାରୋଟି ଯାକ ମ୍ୟାଚ୍ ଜିତି ଭାରତୀୟ ଦଳ ୪-୦ରେ ଏ ପର୍ଯ୍ୟନ୍ତ ଆଗୁଆ ଅଛନ୍ତି । ଆଜିର ଏହି ମ୍ୟାଚ୍‌କୁ ଜିତି ଭାରତୀୟ ଦଳ ସମ୍ପୂର୍ଣ୍ଣ ସିରିଜ୍‌କୁ ଅକ୍ତିଆର କରିବାକୁ ଚେଷ୍ଟା କରିବ । ଅନ୍ୟପକ୍ଷରେ ବାଙ୍ଗଲାଦେଶ ଦଳ ସମ୍ମାନ ରକ୍ଷା ପାଇଁ ଏହି ମ୍ୟାଚ୍ ଜିତିବାକୁ ପ୍ରୟାସ କରିବ ।